ଧରିତ୍ରୀ
DHARITRI
ରାୟଗଡା, ସୋମବାର, ୧୨ ନଭେମ୍ବର,୨୦୧୮



## ସଂକ୍ଷେପରେ

### ନାଗ ଦେବତାଙ୍କୁ ପୂଜାକଲେ ତେଲୁଗୁ ସମ୍ପ୍ରଦାୟ



ପାରଳାଖେମୁଣ୍ଡି, ୧୧।୧୧ (ସ୍ୱ.ପ୍ର.) - ପାରଳାଖେମୁଣ୍ଡିର ବିଭିନ୍ନ ସ୍ଥାନରେ ନାଗ ଚତୁର୍ଥୀ ଅବସରରେ ନାଗଦେବତାଙ୍କ ପୂଜା ହୁଙ୍କା ନିକଟରେ କରାଯାଇଛି। ଏହି ତିଥିରେ ନାଗଦେବତାଙ୍କ ପୂଜା କଲେ ପରିବାରର ଉନ୍ନତି ହେବା ସହ ସୁଖ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେବେ ଏହି ପୂଜା ମୁଖ୍ୟତଃ ତେଲୁଗୁ ସଂପ୍ରଦାୟର ଲୋକେ ପାଳନ କରୁଥିବାବେଳେ ପାରଳାଖେମୁଣ୍ଡି ସହର ଆନ୍ଧ୍ର ସୀମାନ୍ତବର୍ତ୍ତୀ ହୋଇଥିବାରୁ ଏଠାରେ ଏହି ପୂଜା ଅଧିକ ଦେଖିବାକୁ ମିଳିଥାଏ। ନାଗଦେବତାଙ୍କୁ ସନ୍ତୁଷ୍ଟ କରିବାପାଇଁ ବିଭିନ୍ନ ହୁଙ୍କା ନିକଟରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ କ୍ଷୀର, ହଳଦୀ, ଅଣ୍ଡା ଆଦି ଭୋଗ ଲଗାଇଥାନ୍ତି। ସହରର କଲେଜ ପଡିଆ, ହୋମଗାର୍ଡ ପଡିଆ, ସେରୀ ସାହି, ମେଦିରି ସାହି, ଶବର ସାହି, ଖଞ୍ଜା ସାହିର ବିଭିନ୍ନ ସ୍ଥାନରେ ଏହି ପୂଜା କରାଯାଇଛି।

### ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ



ପାରଳାଖେମୁଣ୍ଡି, ୧୧।୧୧ (ସ୍ୱ.ପ୍ର.) - ପାରଳାଖେମୁଣ୍ଡିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଲକ୍ଷ୍ମୀ ନୃସିଂହ ରଥଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ମଞ୍ଚର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରଳାଖେମୁଣ୍ଡିର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ମଞ୍ଚର ଅଧିନିୟମକୁ ପ୍ରଥମେ ଅନୁମୋଦିତ କରିଥିଲେ। ବୈଠକରେ ମଞ୍ଚର ଲକ୍ଷ୍ୟ ବିଷୟରେ ଆଲୋଚନା ହୋଇଥିଲା। ମାନବ ସେବା ସର୍ବୋତ୍ତମ ସେବା, ବରିଷ୍ଠ ନାଗରିକଙ୍କୁ ଏକତ୍ରିତ କରିବା, ସଦସ୍ୟଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ ଉଦ୍ୟମ, ପାରଳାଖେମୁଣ୍ଡି ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ପ୍ରଶାସନ ନିକଟରେ ଉପସ୍ଥାପନ କରିବା ଓ ତାକୁ କାର୍ଯ୍ୟକାରୀ କରିବା, ପାରଳାଖେମୁଣ୍ଡି ସହରର ସାମାଜିକ ସାଂସ୍କୃତିକ ବାତାବରଣକୁ ସମୃଦ୍ଧ କରିବାକୁ ବୈଠକରେ ଅନୁମୋଦନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ହରିମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ରଘୁନାଥ ମହାରଣା, ଜଗଦୀଶ ମହାପାତ୍ର, ଉପଦେଷ୍ଟା ବନମାଳୀ ମହାପାତ୍ର, ରବିନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଆଜି ଆସୁଛନ୍ତି ରାଜ୍ୟପାଳ

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମାଲକାନଗିରି,୧୧।୧୧ (ଡି.ଏନ୍.ଏ.)

ଓଡ଼ିଶା ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ସୋମବାର ମାଲକାନଗିରି ଜିଲା ଗସ୍ତରେ ଆସିବେ। ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏସ୍‌ପି ଜଗମୋହନ ମୀନା ଏକ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟପାଳଙ୍କ ଗସ୍ତ ପାଇଁ ୧୧ ପ୍ଲାଟୁନ୍ ଫୋର୍ସ ସହ ୮ଜଣ ଡିଏସ୍‌ପି ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏସ୍‌ଓଜି ଓ ଡିଭିଏଫ୍‌ର ୨ଟି ୟୁନିଟ୍ ସହ ବିଏସ୍‌ଏଫ୍‌କୁ ମଧ୍ୟ ମୁତୟନ କରାଯାଇଛି। ରାଜ୍ୟପାଳ ସୋମବାର ସକାଳ ୮ଟାରେ ଭୁବନେଶ୍ୱରରୁ ବାହାରି ମାଲକାନଗିରିସ୍ଥିତ ବିଏସ୍‌ଏଫ୍ ହେଲିପ୍ୟାଡରେ ୧୦.୨୫ରେ ପହଞ୍ଚିବେ। ସେଠାରୁ ସେ ସିଧା କୋରକୋଣ୍ଡା ବ୍ଲକ ଯାଇ ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରୁ ଅପରାହ୍ନ ୨ଟା ୩୦ରେ ମାଲକାନଗିରିରେ ପହଞ୍ଚି ଡିଆରଡିଏ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବେ। ଆଦିବାସୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ତଦାରଖ କରିବେ। ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର କାର୍ଯ୍ୟକାରିତା ନେଇ ଅବଗତ ହେବେ ବୋଲି ଏସ୍‌ପି କହିଛନ୍ତି। ରବିବାର ମାଲକାନଗିରିଠାରୁ ବାଲିମେଳା ରାସ୍ତାରେ ଦୀର୍ଘ ୩୦ କିଲୋମିଟର ରାସ୍ତାର ପ୍ରତି ଛକରେ ପୋଲିସ ମୁତୟନ ହୋଇଛନ୍ତି। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ରୋଡ୍ ଶୋ ବାଲିମେଳା ପର୍ଯ୍ୟନ୍ତ କରାଯାଇଛି। ମାଲକାନଗିରି ସହରର ବିଭିନ୍ନ ରାସ୍ତା ଏବଂ ସର୍କିଟ୍ ହାଉସ୍ ପରିସରରେ ପୋଲିସ ପଇନ୍ତରା ମାରୁଛି। ସୀମାନ୍ତ ଛତିଶଗଡରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାଓବାଦୀମାନେ ମାଲକାନଗିରି ସୀମାକୁ ପ୍ରବେଶ କରିବାର ସମ୍ଭାବନା ଥିବାରୁ ପୋଲିସ ଅଧିକ ସତର୍କ ରହିଛି। ସୀମାକୁ ସୀଲ କରାଯାଇ ଗାଡିମୋଟର ଯାଞ୍ଚ କରାଯାଉଛି ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି।

## ମାନସିକ ବିକାରଗ୍ରସ୍ତ ଝିଅର ଚିକିତ୍ସାରେ ଅର୍ଥ ବାଧକ

ମାଥିଲି, ୧୧।୧୧ (ଡି.ଏନ.ଏ) –



ସାଥୀ ପିଲାଙ୍କ ସହିତ ମିଶି ବିଦ୍ୟାଳୟ ମୁହାଁ ହେବା ବୟସରେ ଏବେ ସମାଜ ପାଇଁ ପାଲଟିଯାଇଛନ୍ତି ଅଲୋଡା। ଜନ୍ମରୁ ୧୩ ବର୍ଷ ହେଲାଣି। ତଥାପି ମାନସିକ ରୋଗରେ ପୀଡିତ ଶିଶୁ କନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଅବସ୍ଥାରେ ଫେରନି। କୌଣସି ପରିବର୍ତ୍ତନ ଘଟିନାହିଁ। ଅର୍ଥ ନ ଥିବାରୁ ଡାକ୍ତରଙ୍କ ପରାମର୍ଶ ଲୋଡି ହେଉନାହିଁ। ବାପାଙ୍କ ଆଖିରୁ ଝରିଯାଉଛି ଲୁହ। ସେ ଭଲ ହେବା ଚିନ୍ତାରେ ଏବେ ପରିବାର। ଏ ହେଉଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଦଳପତିଗୁଡା ପଞ୍ଚାୟତ ଅଧୀନ ମେଣ୍ଡୁକୁଲି ଗ୍ରାମର ବଳି ପୂଜାରୀଙ୍କ ମାନସିକ ବିକାରଗ୍ରସ୍ତ ଝିଅ କୁମୁଦିନୀଙ୍କ କରୁଣ କାହାଣୀ। ପିଲାଟି ଦିନରୁ କୁମୁଦିନୀ ମାନସିକ ଭିନ୍ନକ୍ଷମ। ଦେଖୁ ଦେଖୁ ୧୩ ବର୍ଷ ବିତିଗଲାଣି। ପରିବାର ଲୋକଙ୍କ ଭରସାରେ କୁମୁଦିନୀ ଜୀବନ ବିତାଉଛନ୍ତି। ଝିଅ ମୁହଁରେ ହସ ଆଣିବା ପାଇଁ ବାପା ରାସ୍ତାରେ ଯାଉଥିବା ଲୋକଙ୍କୁ ଦେଖାଇ ବିଭିନ୍ନ କୌତୁକିଆ କଥା କହି ଅପ୍ରାଣ ଉଦ୍ୟମ କରିଥାନ୍ତି। କୁମୁଦିନୀଙ୍କ ଏପରି ଅବସ୍ଥା ସମ୍ପର୍କରେ ମାଥିଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଜଣେ ଭଲ ବିଶେଷଜ୍ଞଙ୍କ ନେବାକୁ ପରାମର୍ଶ ସେ କହିଥିଲେ। ସେବେଠାରୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ବଳି ନିରାଶ ହୋଇଛନ୍ତି। ଅର୍ଥ ନ ଥିବାରୁ ଝିଅକୁ ବଡ ମେଡିକାଲ ନେଇପାରୁନାହାନ୍ତି ବଳି। ଝିଅର ଉଚ୍ଚ ଚିକିତ୍ସା ଲାଗି ପ୍ରଶାସନ ସହାୟତା କରିବାକୁ ପରିବାର ଲୋକେ ଏବଂ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏନେଇ ବିଡିଓ ଆଶିଷ କୁମାର ଭୋଇଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ବିଷୟରେ ମୁଁ ଏବେ ଜାଣିବାକୁ ପାଇଲି। କୁମୁଦିନୀଙ୍କ ଉଚ୍ଚ ଚିକିତ୍ସା ଲାଗି ଉପର ଅଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବି ବୋଲି ବିଡିଓ ଭୋଇ କହିଥିଲେ।

## ସ୍ଥାନୀୟ କଳାକାରଙ୍କୁ ଉତ୍ସାହିତ କରୁଛି ଯୁବ ମହୋତ୍ସବ



ଉଦ୍‌ଯାପନୀ ଦିବସରେ ମଞ୍ଚ ଉପରେ କଳାକାର ଓ ଅନ୍ୟମାନେ।

ପାରଳାଖେମୁଣ୍ଡି, ୧୧।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜିଲାସ୍ତରୀୟ ଯୁବ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ କେ.ସୁରିୟା ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ମହୋତ୍ସବ ଯୋଗୁ ଜିଲାର ଯୁବ ପ୍ରତିଭାମାନେ ଉତ୍ସାହିତ ହୋଇପାରୁଛନ୍ତି ଏବଂ ଏହା ଅନେକ ପ୍ରତିଭା ସୃଷ୍ଟି କରିବାରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଏଥିରେ ଜିଲାର ୭ଟି ବ୍ଲକରୁ ମୋଟ ୧୫୦ଜଣ ଯୁବ ପ୍ରତିଭା ଯୋଗଦେଇ ଆକର୍ଷଣୀୟ ଏବଂ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷ ଦିନ ସନ୍ଧ୍ୟାରେ ପାରମ୍ପରିକ ଲୋକଗୀତ, ଲୋକ ନୃତ୍ୟ, ଭୂତକେଳି ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଯୁବ ମହୋତ୍ସବ ଆଦିବାସୀ ସଂସ୍କୃତି ଏବଂ ପାରମ୍ପରିକ ନୃତ୍ୟ ସଂଗୀତକୁ ପ୍ରୋତ୍ସାହନ ଦେବା ସହ ସ୍ଥାନୀୟ କଳାକାରଙ୍କୁ ଉତ୍ସାହିତ କରୁଛି ବୋଲି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିବା ଜିଲା କ୍ରୀଡାଧିକାରୀ ପ୍ରଭାକର ତ୍ରିପାଠୀ ମତ ଦେଇଛନ୍ତି। ଏହି ଦୁଇଦିନିଆ ମହୋତ୍ସବରେ ବକ୍ତୃତା, ସଙ୍ଗୀତ, ନୃତ୍ୟ, ବାଦ୍ୟ ଯନ୍ତ୍ର, ଏକକ ଅଭିନୟ, ଲୋକ ସଙ୍ଗୀତ, ସମ୍ବଲପୁରୀ, ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଜିଲା କ୍ରୀଡା ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଛି। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗନେବେ। ଅଧ୍ୟାପକ ବିନାୟକ ପ୍ରସାଦ ପ୍ରଧାନ, ଆଇ.ମନ୍ମଥ ରାଓ, ନୃସିଂହ ଚରଣ ପଟ୍ଟନାୟକ, ଅଧ୍ୟାପିକା ସଂଯୁକ୍ତା ପାତ୍ର, ଗୁରୁ ରଘୁନାଥ ପାତ୍ର ପ୍ରମୁଖ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସନ୍ତୋଷ ପଣ୍ଡା, ପ୍ରିୟବ୍ରତ ମିଶ୍ର ଏବଂ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ଭି. ରାଓ ସହଯୋଗ କରିଥିଲେ।

## ସୁମଣ୍ଡଳ–ଅଙ୍ଗାରଗାଁ ରାସ୍ତା ନିର୍ମାଣ ଅଧାପନ୍ତରିଆ

ଛତ୍ରପୁର,୧୧।୧୧(ଡି.ଏନ.ଏ.)

ବେଗୁନିଆପଡା ବ୍ଲକ ଅଧୀନ ସୁମଣ୍ଡଳ–ଅଙ୍ଗାରଗାଁ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହୋଇଛି। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଦୀର୍ଘ ଦିନ ହେଲା କାମ ବନ୍ଦ ରହିଛି। ୯୦ ପ୍ରତିଶତ ରାସ୍ତା କାମ ସରିଥିବା ବେଳେ ଦୀର୍ଘଦିନ ହେଲା ବଳକା କାମ ହୋଇପାରୁନି। ଅଙ୍ଗାରଗାଁ ବସଷ୍ଟାଣ୍ଡ ରାସ୍ତା ନିର୍ମାଣ ବାକି ଥିବା ସ୍ଥାନୀୟ ୪୬ ନଂ. ଜୋନ୍‌ର ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି କହିଛନ୍ତି। ଶନିବାର ଛତ୍ରପୁରସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ ଗୃହଠାରେ ଅନୁଷ୍ଠିତ ଗଞ୍ଜାମ ଜିଲା ପରିଷଦର ୪ର୍ଥ ସାଧାରଣ ଅଧିବେଶନ ବୈଠକରେ ଜିଲାପରିଷଦ ସଭ୍ୟ ତିଆଡି ଏହି ପ୍ରସଙ୍ଗ ଉଠାଇ ତୁରନ୍ତ ରାସ୍ତାକାମ ସାରିବାକୁ ଦାବି କରିଥିଲେ। ଅଙ୍ଗାରଗାଁ ରାସ୍ତା ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଆଉ କିଛି ଜବରଦଖଲ ଉଚ୍ଛେଦ ପାଇଁ ବାକି ରହିଛି। ଗାଁର କିଛି ଲୋକ ଏହି ରାସ୍ତାକୁ ସମର୍ଥନ ଜଣାଉଛନ୍ତି। କେତେକ ବିରୋଧ କରି କୋର୍ଟକୁ ଯାଇଛନ୍ତି। କୋର୍ଟରେ ମାମଲା ଥିବା ବିଭାଗୀୟ ନିର୍ବାହୀଯନ୍ତ୍ରୀ ଜିଲାପରିଷଦ ବୈଠକରେ କହିଥିଲେ। ଏପରିକି ଏହି କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଲୋକଙ୍କ ନାଁରେ ସ୍ଥାନୀୟ ଥାନାରେ ବିଭାଗ ପକ୍ଷରୁ ଏତଲା ଦିଆଯାଇଛି। ଏଥିସହ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ତଥାପି ରାସ୍ତା କାମ ଆରମ୍ଭ ହେଉନି। ରାସ୍ତା ସହ ଡ୍ରେନ୍ ନିର୍ମାଣ କରାଯିବ। ମାତ୍ର ଡ୍ରେନ୍ ନିର୍ମାଣ ପାଇଁ ଜାଗା ନ ଥିବା କୁହାଯାଇଛି। ଅପରପକ୍ଷରେ ସାଙ୍କୁଡାରେ ଡ୍ରେନ୍ ନିର୍ମାଣ କରିବାକୁ ଜିଲାପରିଷଦ ସଭ୍ୟ ତିଆଡି ଦାବି କରଛନ୍ତି। ଗଞ୍ଜାମ ଜିଲା ଅଙ୍ଗାରଗାଁ ନିକଟ କୁମାରପାରୀ ଠାରୁ ଖୋର୍ଦ୍ଧା ଜିଲା ନିଳାଦ୍ରୀପ୍ରସାଦକୁ ମଧ୍ୟ ସଂଯୋଗ କରିବାକୁ ରାସ୍ତା ନିର୍ମାଣ ପାଇଁ ଜିଲାପରିଷଦ ସଭ୍ୟଙ୍କ ପକ୍ଷରୁ ଆରଡି (ଗ୍ରାମ୍ୟ ଉନ୍ନୟନ) ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଖୋର୍ଦ୍ଧା ଜିଲାରେ ରାସ୍ତା ନିର୍ମାଣ ସରିଛି। ଗଞ୍ଜାମ ଜିଲା ଆରଡି (ଗ୍ରାମ୍ୟ ଉନ୍ନୟନ) ବିଭାଗ କୁମାରୀପାରି ଠାରୁ ନିଳାଦ୍ରୀପ୍ରସାଦ ପର୍ଯ୍ୟନ୍ତ ୩ କିମି ରାସ୍ତା ନିର୍ମାଣ କଲେ ଗଞ୍ଜାମ–ଖୋର୍ଦ୍ଧା ଜିଲାକୁ ରାସ୍ତା ସଂଯୋଗ ହେବା ସହ ଯାତାୟତରେ ସୁବିଧା ହୋଇପାରନ୍ତା ବୋଲି କୁହାଯାଇଛି।

## ■ ଜାତୀୟ ଶିକ୍ଷା ଦିବସ ପାଳିତ

## ଶିକ୍ଷାର ଉପାଦେୟତା ଉପରେ ଗୁରୁତ୍ୱ



ଜାତୀୟ ଶିକ୍ଷା ଦିବସ ସମ୍ପର୍କରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

ମାଲକାନଗିରି,୧୧।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଗୋରାଖଣ୍ଟା ପଞ୍ଚାୟତ ସଦର ମହକୁମା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ରବିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭ୍ୟାସଭ୍ୟ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ମୌଲାନା ଅବୁଲ କଲାମ ଆଜାଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀଙ୍କ ଜୀବନୀ ଏବଂ ସେ ଦେଶରେ ଶିକ୍ଷାର ଉନ୍ନତି ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଭବିଷ୍ୟତ ପାଇଁ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରି ଅତିଥିମାନେ ଶିକ୍ଷାର ଉପାଦେୟତା ନେଇ ଗୁରୁତ୍ୱାରୋପ କରିଥିଲେ। ଜଣେ ସୁନାଗରିକ ହେବାକୁ ହେଲେ ବାଲ୍ୟକାଳରୁ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ସେହିପରି କ୍ରୁସୁବାଡା, ଶିଖପାଲି, ମାଲକାନଗିରି ପୂର୍ବତନ ବୋର୍ଡ ଉଚ୍ଚ ବିଦ୍ୟାଳୟ, ବୁଟିଗୁଡା, କୁମୁଟିଗୁଡା ବିଦ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି।

## ମିଳୁନି ପଟ୍ଟା, ହଇରାଣ ହେଉଛନ୍ତି ଲୋକେ

ଚିତ୍ରକୋଣ୍ଡା,୧୧।୧୧–

■ ପ୍ରଭାବିତ ହେଉଛି ପିଲାଙ୍କ ପାଠପଢା

■ ଜାତିଗତ ପ୍ରମାଣପତ୍ର ପାଇଁ ହନ୍ତସନ୍ତ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ୧୮ଟି ପଞ୍ଚାୟତକୁ ନେଇ ଗଠିତ। ଏହି ପଞ୍ଚାୟତ ମଧ୍ୟରୁ ୧୭ଟି ପଞ୍ଚାୟତ ଚିତ୍ରକୋଣ୍ଡାର ରାଜଲକୋଣ୍ଡା ଓ ଆରଏସସି–୧୬ ଗ୍ରାମକୁ ୩ ଏକରରୁ ୫ ଏକର ଚାଷ ତଥା ଜଙ୍ଗଲ ଜମି ପଟ୍ଟା ଦେଇ ସେହି ପଟ୍ଟାରେ ଗ୍ରାମବାସୀ ଇନ୍ଦିରା ଆବାସଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ପାଉଥିବା ବେଳେ ଚିତ୍ରକୋଣ୍ଡାରେ ସ୍ଥାୟୀ ଭାବେ ୩୦/୫୦ ବର୍ଷ ଧରି ବସବାସ କରୁଥିବା ଚିତ୍ରକୋଣ୍ଡା ସହର, ପଡା, ସାହି ଓ ବସ୍ତିବାସିନ୍ଦା ଏସବୁ ପାଇବାରୁ ବଞ୍ଚିତ ହେଉଛନ୍ତି। ଚିତ୍ରକୋଣ୍ଡାର ଢେପସାହି, ପଣସଗଛ ସାହି, କଳାହାଣ୍ଡି ସାହି, ମାର୍କେଟ ଲାଇନ, ଗଉଡସାହି, ଇଟାଭାଟି ସାହି, କମାରଗୁଡା, ସ୍ଲିଲୱ, ଅପରେଟ୍ କଲୋନୀ, ଟେମ୍ପରାରି କଲୋନୀ, ଜଲାସାହି, ଦୋରାଘାଟ, ପୂଜାରିଗୁଡା ଓ ଗୋଜିଆଗୁଡା ଲୋକେ ଜମି ପଟ୍ଟା ନ ଥିବାରୁ ଇନ୍ଦିରା ଆବାସରୁ ବଞ୍ଚିତ ହେଉଛନ୍ତି। ଜବରଦଖଲ କରି ରହିଥିଲେ ମଧ ସେମାନେ ବର୍ଷବର୍ଷ ଧରି ଜାଗା ଉପରେ ଖଜଣା ଦେଉଛନ୍ତି। ମାତ୍ର ଜମିପଟ୍ଟା ନ ଥିବାରୁ ସେମାନଙ୍କୁ ଇନ୍ଦିରା ଆବାସ ମିଳୁନାହିଁ। ସେମାନଙ୍କ ପିଲାମାନେ ପାଠ ପଢିବା ପାଇଁ ଏବଂ ଚାକିରି କରିବା ପାଇଁ ଜାତିଗତ ପ୍ରମାଣପତ୍ର ମିଳୁନାହିଁ। ୩ ବର୍ଷ ପୂର୍ବରୁ ଜବରଦଖଲ ଜାଗା ଉପରେ ରହୁଥିବା ବ୍ୟକ୍ତିଙ୍କୁ ଇନ୍ଦିରା ଆବାସ ପାଇଁ ଚୟନ କରାଯାଉଥିଲା। ସେହି ହିତାଧିକାରୀଙ୍କୁ ଘର ମିଳୁଥିଲା। ଏବେ କିଛି ବର୍ଷ ହେଲା ସେହି ବ୍ୟବସ୍ଥା ପ୍ରଶାସନ ଉଠାଇ ଦେଇଛି। ଏନେଇ ଅନେକ ଥର ସେମାନେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଗତ ୬ ମାସ ତଳେ ମଧ ଜିଲା ଆଇନ ସେବା ପ୍ରାଧିକରଣର ସହାୟତା ଲୋଡିଛୁ। ୩ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ଦସ୍ତଖତରେ ଅଭିଯୋଗ ପତ୍ର ଦେଇଛୁ। ତାହା ଏବେ ବିଚାରାଧୀନ ରହିଛି। ଚିତ୍ରକୋଣ୍ଡା ବାସିନ୍ଦାଙ୍କୁ ୪ ସେଣ୍ଟ ଲେଖାଏ ଘରବାରି ଜାଗାର ପଟ୍ଟା ପ୍ରଦାନ ଲାଗି ସେମାନେ ଦାବି କରିଛନ୍ତି।

## ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

ଶଙ୍କରାଖୋଲ,୧୧।୧୧(ଡି.ଏନ୍.ଏ.)

ଟିକାବାଲି ଥାନା ଲାଇନପଡ଼ା ନିକଟ ସୁନାପାଙ୍ଗା ନୂଆସାହିର ମହିଳାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ରବିବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ନୀଳାଞ୍ଚଳ ନାୟକ। ଏ ନେଇ ଟିକାବାଲି ଥାନାରେ ନଂ.୯୩/୧୮ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। ଶନିବାର ସକାଳେ ମହିଳା ଜଣକ ନଳକୂପକୁ ପାଣି ଆଣିବା ପାଇଁ ଯାଉଥିବାବେଳେ ନୀଳାଞ୍ଚଳ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମହିଳାଙ୍କୁ ଆକ୍ରମଣ କରିଥିଲେ। ପରେ ପରିବାର ସହ ମହିଳା ଜଣକ ଟିକାବାଲି ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ଚୋରା ଦେଶୀମଦ ଜବତ, ୨ ଗିରଫ

ପାରଳାଖେମୁଣ୍ଡି, ୧୧।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଥାନା ପୋଲିସ ପାଟ୍ରୋଲିଂ ବେଳେ ଦୁଇଟି ସ୍ଥାନରୁ ୩୦ଲିଟର ଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସିଦ୍ଧାମଡଙ୍ଗ ରେଳବାଇ ଫାଟକ ନିକଟରେ ଅର୍ଜୁନ ମିଶାଲ(୨୩)ଙ୍କୁ ସନ୍ଦେହରେ ଅଟକାଇ ଥିଲା। ତାଙ୍କ ନିକଟରୁ ୩୦ ଲିଟର ଚୋରା ଦେଶୀମଦ ଜବତ ହୋଇଥିଲା। ୨୩୩/୧୮ରେ ଏକ ମାମଲା ରୁଜୁ ହୋଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏଏସ୍‌ଆଇ ଦିବାକର ପ୍ରଧାନ କହିଛନ୍ତି। ସେହିପରି ସହରର ସୁଭାଷ ନଗର ଅଞ୍ଚଳରେ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ସେହି ଅଞ୍ଚଳର ଟି.ସୁଜାତା(୩୫)ଙ୍କ ନିକଟରୁ ୧୦ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ୨୩୪/୧୮ରେ ଏକ ମାମଲା ରୁଜୁ ହୋଇଛି।

## ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ କଲର ବେଲ୍ଟ ଟେଷ୍ଟ

ପାରଳାଖେମୁଣ୍ଡି, ୧୧।୧୧ (ସ୍ୱ.ପ୍ର.) – ପାରଳାଖେମୁଣ୍ଡିସ୍ଥିତ ନିୟନ୍ତ୍ରିତ ବଜାର ସମିତି ପରିସରରେ ଗଜପତି ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଏକ କଲର ବେଲ୍ଟ ଟେଷ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତିଯୋଗୀମାନେ କ୍ରମାଗତ ହଳଦୀ, ସବୁଜ, ନୀଳ, ଲାଲ ଓ କଳା ବେଲ୍ଟ ପାଇଁ ମନୋନୀତ ହୋଇଛନ୍ତି। ଜିଲା ସଂଘ ପକ୍ଷରୁ ଏହି ଚୟନ ପ୍ରକ୍ରିୟାରେ ମୋଟ ୪୫ଜଣ ଛାତ୍ରୀଛାତ୍ର ବରିଷ୍ଠ ଓ କନିଷ୍ଠ ବିଭାଗରେ ଭାଗ ନେଇଛନ୍ତି। ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଗଣେଶ ଚନ୍ଦ୍ର ମହାପାତ୍ର, ନାଗେଶ୍ୱର ମହାପାତ୍ର, ବ୍ରହ୍ମପୁରର ସତ୍ୟନାରାୟଣ ତ୍ରିପାଠୀ, ଚନ୍ଦନ ମହାପାତ୍ର, ରାଜୁ ପାତ୍ରାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।



କଲର ବେଲ୍ଟ ପରୀକ୍ଷାରେ ଉପସ୍ଥିତ ଟାଏକୋଣ୍ଡୋ ପ୍ରତିଯୋଗୀମାନେ।

# ସରୁନି ତିତ୍‌ଲି ଦୁଃଖ

ପାରଳାଖେମୁଣ୍ଡି, ୧୧।୧୧ (ସ୍ୱ.ପ୍ର.)–



ତିତ୍‌ଲି ବାତ୍ୟାରେ ଭାଙ୍ଗିଯାଇଥିବା ଘର।

■ ଏକ ମାସ ପରେ ମଧ ବିଭିନ୍ନ ସ୍ଥାନରେ ସ୍ଥିତି ସୁଧୁରି ନାହିଁ

■ ଆଡଗାଁରେ ବହୁ ଲୋକଙ୍କୁ ଏଯାଏ ମିଳିନି କ୍ଷତିପୂରଣ

■ ଗାଇବା ପଞ୍ଚାୟତରେ ପ୍ରକୃତ ହିତାଧିକାରୀ କ୍ଷତିପୂରଣ ପାଇବାରୁ ବାଦ୍ ଅଭିଯୋଗ

ଗଜପତି ଜିଲାରେ ସାମୁଦ୍ରିକ ବାତ୍ୟା ତିତ୍‌ଲି ପ୍ରଳୟଙ୍କରୀ ରୂପ ନେଇଥିଲା। ଏହାକୁ ଏକମାସ ବିତି ଯାଇଥିଲେ ମଧ ବିଭିନ୍ନ ସ୍ଥାନର ସ୍ଥିତି ଏଯାବତ୍ ସୁଧୁରି ନାହିଁ। ଏହି କ୍ରମରେ ଜିଲାର ଗାରବନ୍ଧ ଥାନା ଅଧୀନ ଆଡଗାଁ ଅଞ୍ଚଳର ବିଭିନ୍ନ ଗ୍ରାମର ଅଧିବାସୀ ସେଠାକାର ସ୍ଥିତି ସୁଧୁରି ନ ଥିବା ବେଳେ ସେମାନଙ୍କୁ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ଆଣିଛନ୍ତି। ଆଡଗାଁ ଅଞ୍ଚଳରେ ପ୍ରାୟ ୧୦୮ ପରିବାର ବସବାସ କରୁଥିବାବେଳେ ବର୍ତ୍ତମାନ ସୁଦ୍ଧା ୬୦ଟି ପରିବାରକୁ ଇନ୍ଦିରା ଆବାସ ମିଳିଥିଲା। ମାତ୍ର ସେଗୁଡିକ ମଧ୍ୟରୁ ଅଧିକାଂଶ ଗୃହ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଗତ ତିତ୍‌ଲି ବାତ୍ୟାର ପ୍ରଭାବରେ ଉକ୍ତ ଗାଁର ଅନେକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ୬୦ଟି ପରିବାରକୁ ସରକାରଙ୍କ ପକ୍ଷରୁ ୫୦କେଜି ଚାଉଳ, ନଗଦ ୧ହଜାର ଟଙ୍କା ସହ ପ୍ରତ୍ୟେକଙ୍କୁ ଗୋଟିଏ ପଲିଥିନ ଯୋଗାଇ ଦିଆଯାଇଛି। ସେହିପରି ଗାଁରେ ପ୍ରତି ପରିବାର ପାଇଁ ଶୌଚାଳୟ ନିର୍ମାଣ ପାଇଁ ଯୋଜନା ରହିଥିବା ବେଳେ କେତେକ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ତିତ୍‌ଲି ବାତ୍ୟାରେ ଅନେକ ଶୌଚାଳୟର ଛାତ, କବାଟ ଏବଂ କାନ୍ଥ ଆଦି ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ଏହି ଗ୍ରାମକୁ ବାତ୍ୟା ପରବର୍ତ୍ତୀ ସ୍ଥିତି ଆକଳନ ପାଇଁ ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା, ବରିଷ୍ଠ ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସ୍ଥାନୀୟ ବିଧାୟିକା ବାସନ୍ତି ମଲ୍ଲିକ ପ୍ରମୁଖ ଗସ୍ତ ମଧ କରିଥିଲେ। ମାତ୍ର କୌଣସି ଅଧିକାରୀ ସଠିକ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିନାହାନ୍ତି, ତେଣୁ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଠିକ୍‌ଭାବେ କ୍ଷତିପୂରଣ ମିଳି ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହା ଫଳରେ ବାତ୍ୟାର ଏକ ମାସ ପରେ ମଧ ଏହି ଗ୍ରାମର ସ୍ଥିତିରେ କୌଣସି ସୁଧାର ଆସି ନ ଥିବା ନେଇ ନରେଶ ଦଳବେହେରା, ରମେଶ ଭୂୟାଁ, ଶ୍ୟାମ ଶବର, ଜରିଡଙ୍ଗଲ ଭୂୟାଁ ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ଜିଲାର ଗୁମ୍ମା ବ୍ଲକ ସ୍ଥିତ ଗାଇବା ପଞ୍ଚାୟତର କିଛି ବାସିନ୍ଦା ଘରଭଙ୍ଗା କ୍ଷତିପୂରଣ ଦେବାରେ ଅନିୟମିତତା ହୋଇଥିବା ଏବଂ ତାର ତଦନ୍ତ କରାଯିବାପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ତିତ୍‌ଲି ବାତ୍ୟାରେ ଏହି ପଞ୍ଚାୟତର ଅନେକ ଘର ଭାଙ୍ଗି ନଷ୍ଟ ହୋଇପଡିଛି। ସେ ସବୁ ଅଞ୍ଚଳକୁ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଗସ୍ତ କରିବାପରେ କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ତେବେ ଏହି ରିପୋର୍ଟରେ ଅନିୟମିତତା ହୋଇଥିବା ପଞ୍ଚାୟତବାସୀ କହିଛନ୍ତି। ପକ୍କା ଘର ଥିବା ଲୋକମାନଙ୍କ ନାମ କ୍ଷତିପୂରଣ ତାଲିକାରେ ରହିଥିବା ବେଳେ ପ୍ରକୃତ ହିତାଧିକାରୀ ସେଥିରୁ ବାଦ୍ ପଡିଥିବା ସେମାନେ କହିଛନ୍ତି। ଏହାର ପୁନଃ ତଦନ୍ତ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି ବୋଲି ପଞ୍ଚାୟତର ଦେବରାଜ ଲିମା, ପ୍ରମୋଦ ଲିମା, ମହେନ୍ଦ୍ର କରାଡ, ପ୍ରବୀଣ କୁମାର ବେବର୍ତ୍ତା, ପ୍ରଶାନ୍ତ ପ୍ରଭା ନାୟକ, ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତଥା ରିଲିଫ ଦାୟିତ୍ୱରେ ଥିବା ଅରୁଣ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଡଗାଁରେ ସମସ୍ତ କ୍ଷୟକ୍ଷତିର ସର୍ଭେ ସରିଥିବାବେଳେ କିଛି ଲୋକଙ୍କୁ ଅର୍ଥ ପ୍ରଦାନ କରାଯାଇଛି ଏବଂ ଅନ୍ୟ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯିବ। ସେହିପରି ଗାଇବା ପଞ୍ଚାୟତବାସୀଙ୍କ ଅଭିଯୋଗ ସମ୍ପର୍କରେ ସେ କହିଛନ୍ତି ଯେ, ସେମାନଙ୍କ ନିବେଦନକୁ ଆଧାରକରି ଏକ ଅଧିକାରୀ ଟିମ୍ ଉକ୍ତ ପଞ୍ଚାୟତକୁ ଗସ୍ତ କରିଥିଲେ ଏବଂ ପୁଣିଥରେ ସେଠାରେ ସର୍ଭେ କରାଯିବ।



ମନୁଷ୍ୟର ଏଭଳି ବିଚିତ୍ର ସ୍ୱଭାବ ଯେ ଭଲ କଥାଟିକୁ ଭାବିଚିନ୍ତି ବିଶ୍ୱାସ କରୁଥିବାବେଳେ, ଖରାପ କଥା ଶୁଣିଲା ମାତ୍ରେ ତାହାକୁ ବିଶ୍ୱାସ କରିଯାଏ।
–ଗୋଲ୍ଡସ୍ମିଥ୍



## ସଂକ୍ଷେପରେ

### ଶାନ୍ତି ନଗରରେ ୪ ପ୍ରହର ନାମଯଜ୍ଞ

ଗୁଣପୁର,୧୧।୧୧(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ସହର ଶାନ୍ତି ନଗର ମଣ୍ଡପଠାରେ ରବିବାର ୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଭୋର ୫ଟାରେ ରାଧାକୃଷ୍ଣ ମନ୍ଦିରରୁ ଜଳ ଅଣାଯାଇ ଅଧିବାସ କରାଯାଇଥିଲା । ପରେ ସକାଳ ୭ଟା ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୪ ପ୍ରହର ନାମଯଜ୍ଞ ହୋଇଥିଲା । ନାମଯଜ୍ଞ ସରିବା ପରେ ନଗର ପରିକ୍ରମା ହୋଇଥିଲା । ଶେଷରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁଳ ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ । ଭାରସିଂ, ଚାଲକମ୍ବା, ଗାଦିଆଖଳା, ରାଧାକୃଷ୍ଣ ମନ୍ଦିର ମଣ୍ଡଳି ଏବଂ ଘନାନ୍ତ୍ରି ଆଦି ସ୍ଥାନରୁ ସଂକୀର୍ତ୍ତନ ଦଳ ଆସି ନାମଯଜ୍ଞରେ ଭାଗ ନେଇଥିଲେ । ଏଥିଲାଗି ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା ।

### ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଗୁଣପୁର୧୧।୧୧,(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ସହର ୧୭ ନଂ ୱାର୍ଡ ଅନ୍ତର୍ଗତ ବଡହାରସିଂଗୁଡାସାହିରେ ଜନୈକା ମହିଳା ଶାନ୍ତି ଶବର(୨୨) ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପାରିବାରିକ କଳହକୁ କେନ୍ଦ୍ରକରି ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାଯାଇଛି । ଏନେଇ ଥାନାରେ ଏତଲା ଦିଆଯାଇନାହିଁ ।

### ଗଛରେ ବାଇକ ପିଟି ହୋଇ ଜଣେ ମୃତ

ଡାବୁଗାଁ,୧୧।୧୧(ଡି.ଏନ.ଏ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମହିନ୍ଦ୍ରି ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ବୁଲେଟ ଗଛରେ ପିଟି ହେବାରୁ ବୁଲେଟ ଚାଳକ ରମେଶ ଶବରଙ୍କ ମୃତ୍ୟୁ ଘଟିଛି । ରମେଶଙ୍କ ଘର ଡାବୁଗାଁ ଡଙ୍ଗରୀଗୁଡା ଗ୍ରାମରେ। ସେ ନବରଙ୍ଗପୁରରୁ ଡାବୁଗାଁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ସବଇନ୍ସପେକ୍ଟର ରଙ୍କନିଧି ସାହୁ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

### ଆଇନ ସଚେତନତା ସଭା, ଶୋଭାଯାତ୍ରା

ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.): ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଜାତୀୟ ଆଇନ ସେବା ଦିବସ ଅବସରରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋର୍ଟ ପରିସରରେ ଆୟୋଜିତ ସଭାରେ ମାଜିଷ୍ଟ୍ରେଟ ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମାଗଣା ଆଇନସେବା, ସ୍ଥାୟୀ ଓ ଚିରନ୍ତର ଲୋକ ଅଦାଲତ, ବିଭିନ୍ନ ଫୌଜଦାରୀ ଓ ଦେୱାନୀ ଆଇନ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତାଧର୍ମୀ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁଦାମ ଦାସ, ବିଶ୍ୱବା ପାଇକ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିଶିର କୁମାର ଦାସ, ସାଧନା ମହିଳା ସଂଘ ସଭାନେତ୍ରୀ ପି. ବିଜୟଲକ୍ଷ୍ମୀ, କ୍ରୀଡ଼ା ଶିକ୍ଷୟିତ୍ରୀ ଅମରଜିତ କାଉର, ଏନସିସି ଶିକ୍ଷକ ଏମ. ଗୌରାଙ୍ଗ, ଓକିଲ ସଂଘ ସଭାପତି ରସାନନ୍ଦ ରାଉତ, ଉପସଭାପତି ହର ପ୍ରସାଦ ରଥ, ସରକାରୀ ଓକିଲ ନକୁଳ ପ୍ରଧାନ, ବିପ୍ଳବ କୁମାର ମୁଦୁଲି ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏସଆଇ ଡ଼ମ୍ବରୁଧର ପ୍ରଧାନ, ଏଏସଆଇ ଅମୂଲ୍ୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଗୁଣ୍ଡୁବାସିନି ପତ୍ରିକା ଉନ୍ମୋଚିତ

ଗୁଣପୁର,୧୧।୧୧(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର କାଳୀ ପୂଜା କମିଟି ପକ୍ଷରୁ ଶନିବାର ରାତ୍ରରେ ଗୁଣ୍ଡୁବାସିନି ପତ୍ରିକା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ସମେତ ଉପଜିଲାପାଳ ବିଏସ.ବଳିରାମ, ସଂପାଦକ ସିମାଞ୍ଚଳ କର, ପୂଜା କମିଟି କର୍ତ୍ତା ମନ୍ମଥ, ପୂର୍ବତନ ସଭାପତି ଜଗା ଦାସ, କାଳୀ ପୂଜା କମିଟି ସଭାପତି ବି.ଲକ୍ଷ୍ମୀ ନାରାୟଣ, ପୂଜକ ନବୀନ ରଥ, ପୂର୍ବତନ ଏନଏସି ଅଧକ୍ଷ ଶିବ ପ୍ରସାଦ ଗୌଡ ପ୍ରମୁଖ ଉପସ୍ଥିତ ରହିଥିଲେ । ଦକ୍ଷିଣ କାଳୀଙ୍କ ସାଂସ୍କୃତିକ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପତ୍ରିକାକୁ ଉନ୍ମୋଚନ କରିଥିଲେ ।

# ଗଛରେ ପିଟିହେଲା ଟାଟା ମ୍ୟାଜିକ୍, ୧୦ ଆହତ

ମୁନିଗୁଡା,୧୧।୧୧(ଡି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଧୋବାଗୁଡିଠାରେ ଶନିବାର ବିଳମ୍ବିତ ରାତିରେ ଏକ ଟାଟା ମ୍ୟାଜିକ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ପିଟି ହେବାରୁ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣାସ୍ଥଳରେ ମୁନିଗୁଡା ଅଗ୍ନିଶମ ବିଭାଗ ଓ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ବିସ୍ମରାଜ ରଙ୍ଗା ଓ ଗୋପାଳ ବ୍ରେକବେଡାଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କନ୍ଧମାଳ ଜିଲା ଦାରିଙ୍ଗିବାଡିରେ କୌଣସି ଏକ କାର୍ଯ୍ୟକ୍ରମରେ ସେମାନେ ଯୋଗ ଦେଇ ଟାଟା ମ୍ୟାଜିକ ଗାଡିରେ ବିଷମକଟକ ବ୍ଲକ ରାଖଖୋଲା ଗ୍ରାମକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।



ଆହତମାନେ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

# ବିଶ୍ୱ ଶୌଚାଳୟ ଦିବସ ପାଳିତ

ରାୟଗଡ଼ା ଅଫିସ,୧୧।୧୧

ରାୟଗଡା ଜିଲା ସଦର ମହକୁମାର ଡିଆରଡିଏ ସମ୍ମିଳନୀ କକ୍ଷରେ ରବିବାର ମଧ୍ୟାହ୍ନରେ ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ୨୦୧୮ ପାଳିତ ହୋଇଯାଇଛି। ଜିଲା ଜଳ ଓ ପରିମଳ ମିଶନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ଶୌଚାଳୟ ଦିବସ ନେଇ ଆଲୋକପାତ କରିଥିଲେ । ସମସ୍ତ ଜନସାଧାରଣ ସଚେତନ ହୋଇ ଶୌଚାଳୟ ବ୍ୟବହାର କରିବାକୁ କହିଥିଲେ । ସେହିପରି ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ,ଉପଜିଲାପାଳ ପ୍ରବୀର କୁମାର ନାୟକ, ଜିଲା ଜଳ ଓ ପରିମଳ ମିଶନର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ଶୌଚାଳୟ ବ୍ୟବହାର କରିବା ଦିଗରେ ସଚେତନ କରାଯିବ ବୋଲି ଆଲୋଚନା କରାଯାଇଥିଲା।



ଅତିଥିମାନେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରୁଛନ୍ତି ।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

### ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ଗୋପାଳପୁର,୧୧।୧୧

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଜଣଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଡୁରା ଗ୍ରାମର ଲକ୍ଷ୍ମଣ ଗୌଡ଼। ଏହି ଥାନା ଅନ୍ତର୍ଗତ ଶନିବାର ଡୁରା ଗ୍ରାମରେ ଯାତ୍ରା ଚାଲିଥିଲା। ଉକ୍ତ ଗ୍ରାମର ଲିଟୁ ଗୌଡ଼ ଯାତ୍ରା ଦେଖୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ଲକ୍ଷ୍ମଣ ଗୌଡ଼ ଏକ ବ୍ଲେଡରେ ଲିଟୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଲିଟୁ ଆହତ ହୋଇଥିବା ବେଳେ ଘଟଣାସ୍ଥଳରୁ ଲକ୍ଷ୍ମଣ ଚମ୍ପଟ ମାରିଥିଲେ। ଏନେଇ ନଂ. ୧୪୩/୧୮ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ରବିବାର ଲକ୍ଷ୍ମଣ ଗ୍ରାମରେ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋପାଳପୁର ପୋଲିସ ଚଢ଼ାଉ କରି ଲିଟୁଙ୍କୁ କାବୁ କରିଥିଲା ।

### ଜାତୀୟ ଶିକ୍ଷା ଦିବସ ପାଳିତ

ଗୁଣପୁର,୧୧।୧୧(ଡି.ଏନ.ଏ)

ରାୟଗଡା ଜିଲା କୋଲନରା ବ୍ଲକ ମିନାଖୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ରବିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିକ୍ଷା ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଏଥିସହ ପିଲାଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ମୌଲାନା ଅବୁଲ କଲାମ ଆଜାଦଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରାଯାଇଥିଲା । ପ୍ରଧାନ ଶିକ୍ଷକ କୃଷ୍ଣପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିବାବେଳେ ସହକାରୀ ଶିକ୍ଷକ ରେହେନାଥ ଖାଟନ, ରଶ୍ମିତା ପାଢୀ, ସଂଯୁକ୍ତା ହଇକା ପ୍ରମୁଖ ସହଯୋଗ କରିଥିଲେ ।



ପଦ୍ମପୁର ସଦର ମହକୁମାରେ ପୂଜା ପାଉଥିବା ମା' ଶ୍ୟାମାକାଳୀ ।

# ମା' ଶ୍ୟାମାକାଳୀ ପୂଜା ପାଳିତ

ପଦ୍ମପୁର, ୧୧।୧୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ସଦର ମହକୁମାରେ ମା' ଶ୍ୟାମାକାଳୀଙ୍କ ପୂଜା ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଗୋଦାବରୀ ରାଉତ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପୂଜା ମଣ୍ଡପକୁ ଚିତ୍ତାକର୍ଷକ କରିବାକୁ ଆଲୋକମାଳାରେ ସଜ୍ଜିତ ଓ ସୁଦୃଶ୍ୟ ମେଢ଼ କରାଯାଇଛି। ଏହି ଅବସରରେ ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ହୋମଯଜ୍ଞ, ଚଣ୍ଡିପାଠ ସହ ସନ୍ଧ୍ୟା ଆଳତୀ ଅନୁଷ୍ଠିତ ହେଉଛି। ଏଥିସହ ଭଜନ ସମାରୋହ ଓ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶନିବାର ରାତିରେ ଗଞ୍ଜାମ ଜିଲାର କଳାକାରମାନଙ୍କ ଦ୍ୱାରା ଭାରତଲୀଳା ଅନୁଷ୍ଠିତ ହୋଇଥିଲା । ମା' କାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ସୋମବାର ବିସର୍ଜନ କରାଯିବ। ଏଥିରେ କୈଳାସ କ୍ରାସ୍କା, ସୋମନାଥ କୈବର୍ତ୍ତ, ରବି ନାରାୟଣ ଆଚାର୍ଯ୍ୟ, ପ୍ରଶାନ୍ତ ଦଳେଇ, ବ୍ରଜସୁନ୍ଦର ପାଣିଗ୍ରାହୀ, ନାନୁ ପଣ୍ଡାଙ୍କ ସହ ବହୁ ବ୍ୟକ୍ତି ସହଯୋଗ କରିଥିଲେ।

# ରାୟଗଡ଼ାରେ ଯୁବ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ରାୟଗଡ଼ା ଅଫିସ,୧୧।୧୧

ରାୟଗଡା ସହରର ଗାୟତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରସ୍ଥ ସଭାଗୃହରେ ରବିବାର ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ଦ୍ୱାରା ଆଦୃତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପ୍ରସାଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଯୁବକ ଦେଶ ଗଠନରେ ନିଜର ସମର୍ପଣ ମନ ରହିବା ନିହାତି ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ବକ୍ତା ରାଜ୍ୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସଂଗଠନ ସଂପାଦକ ପ୍ରମୋଦ କୁମାର ରାଉତ ଓ ଜିଲା ସଂଘ ଚାଳକ ନନ୍ଦୀକେଶ୍ୱର ଚୌଧୁରୀ ଉପସ୍ଥିତ ରହି ଯୁବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ରାୟଗଡା ଜିଲାର ସଂଘ କାର୍ଯ୍ୟକାରିଣୀ ନଗର କାର୍ଯ୍ୟବାହ ଚିତରଞ୍ଜନ ପ୍ରଧାନ, ବିଭାଗ କାର୍ଯ୍ୟବାହ ରାମଚନ୍ଦ୍ର ସାହୁ, ବିଭାଗ ଶାରିରୀକ ପ୍ରମୁଖ ମୁରଲୀଧର ବେହେରା ଓ ସମସ୍ତ ଜିଲା କାର୍ଯ୍ୟକାରିଣୀ ସଦସ୍ୟ, କାର୍ଯ୍ୟବାହ ଦିଲୀପ ଭାଇ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅରୁଣ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ ।

# ପରିଚାଳନା ସମନ୍ୱୟ ସମିତିର ନୂତନ କର୍ମକର୍ତ୍ତା ଚୟନ

ମୁନିଗୁଡ଼ା,୧୧।୧୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପଠାରେ ମୁନିଗୁଡ଼ା ମନ୍ଦିର ପରିଚାଳନା ସମନ୍ୱୟ ସମିତିର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମିଟି ଉପଦେଷ୍ଟା ତଥା ବରିଷ୍ଠ ସଦସ୍ୟ ବିଦ୍ୟାଧର ଦାସ ଓ ଅଶ୍ୱିନୀ କୁମାର ପଣ୍ଡା ମିଳିତ ଭାବେ ସଂଯୋଜନା କରିଥିଲେ । ଏଥିରେ ୟୁ.ରାଜେନ୍ଦ୍ର ପାତ୍ର ସଭାପତି, କେ. ରମେଶ ରାଜୁ କାର୍ଯ୍ୟକାରୀ ସଭାପତି, ସୁଦାମଚରଣ ପଣ୍ଡା ଉପସଭାପତି, କେ. ସତ୍ୟନାରାୟଣ ବାବୁଜୀ ସମ୍ପାଦକ, ଜ୍ୟୋତିରାମ ପାତ୍ର ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ନରେଶ କୁମାର ପାତ୍ରଙ୍କୁ ଚୟନ କରାଯାଇଛି । ସେହିପରି ନୂତନ ସଭ୍ୟ ଭାବେ ସୁଧାକର ମହାରଣା, ଅନିଲ କୁମାର ତାରିଣୀ, ଦାରୁବ୍ରହ୍ମ ସୁବୁଦ୍ଧି, ରାମକୃଷ୍ଣ ପାଣିଗ୍ରାହୀ,ରାଜେଶ ପାତ୍ର ଓ ବି. ମୋହନ ମନୋନୀତ ହୋଇଥିଲେ । ଆଗାମୀ ଦିନରେ କିପରି ମନ୍ଦିର ପରିଚାଳନା କରାଯିବ ଏବଂ ସୂଚାରୁ ରୂପେ ସମନ୍ୱୟ ସମିତିର କାର୍ଯ୍ୟପନ୍ଥା ପରିଚାଳନା କରାଯିବ ସେନେଇ ଉପଦେଷ୍ଟା କମିଟି ରତନଲାଲ ଜୈନ, ରାମଚନ୍ଦ୍ର ବେହେରା, ଜାମି ମହେଶ, ମୀନକେତନ ଷଡ଼ଙ୍ଗୀ, ସନ୍ତୋଷ କୁମାର ବ୍ରହ୍ମା ପ୍ରମୁଖ ପ୍ରକାଶ କରିଥିଲେ ।



ଅତିଥିମାନେ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି ।

# ବିଭିନ୍ନ ସ୍ଥାନରେ ନାଗ ଚତୁର୍ଥୀ ପାଳିତ



ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ମହିଳାମାନେ ପୂଜା କରୁଛନ୍ତି ।



ମୁନିଗୁଡ଼ାରେ ମହିଳାମାନେ ବିଲାଠାରେ ପୂଜାର୍ଚ୍ଚନା କରୁଛନ୍ତି ।

ରାୟଗଡା ଅଫିସ୍/ମୁନିଗୁଡ଼ା/ ଗୁଣପୁର/ ଟିକିରି, ୧୧।୧୧(ଡ଼ି.ଏନ.ଏ)

ରାୟଗଡା ସହରର ବିଭିନ୍ନ ସ୍ଥାନରେ ରବିବାର ନାଗ ଚତୁର୍ଥୀ ପାଳିତ ହୋଇଯାଇଛି । ରୟତ କଲୋନୀ, ରାୟଗଡା କଲେଜ ପରିସର, ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଇନ୍ଦିରାନଗର, ଗାନ୍ଧୀନଗର, ରାଣୀଗୁଡାଫାର୍ମ, ବ୍ରାହ୍ମଣସାହି, ପିତାମହଲ, ଜେକେପୁର ଆଦି ଅଞ୍ଚଳରେ ସକାଳୁ ମହିଳାମାନେ ଗାଧୋଇବା ସହ ନୂତନ ବସ୍ତ୍ର ପରିଧାନ କରି ହୁଙ୍କା ନିକଟରେ ପୂଜାର୍ଚ୍ଚନା କରିଥିଲେ । ଏଥିସହ ଉକ୍ତ ହୁଙ୍କାରେ ଅଣ୍ଡା ପକାଇଥିଲେ । ସେହିପରି ଛୋଟ ପିଲାମାନେ ଉକ୍ତ ସ୍ଥାନରେ ବାଣ ଫୁଟାଇ ନାଗ ଚତୁର୍ଥୀ ପାଳନ କରିଥିଲେ । ସେହିପରି ମୁନିଗୁଡ଼ାଠାରେ ନାଗ ଚତୁର୍ଥୀ ପର୍ବ ପାଳିତ ହୋଇଯାଇଛି । ବିଶେଷକରି ଏହି ପୂଜା ତେଲୁଗୁ ସମ୍ପ୍ରଦାୟର ଲୋକମାନେ ଅଧିକ ପାଳନ କରନ୍ତି। ଏହି ଅବସରରେ ମହିଳା ପୁରୁଷ ଓ ଘରର ଛୁଆମାନେ ନୂତନ ବସ୍ ପରିଧାନ କରି ବିଲଠାରେ ପୂଜାର୍ଚ୍ଚନା କରିଥିଲେ । ବିଲଠାରେ ଗୋବର ଲିପା ଦେଇ ଝୋଟି ପକାଇ ଫୁଲ, ଚନ୍ଦନ, ସିନ୍ଦୁର, ଦୀପ ଆଦି ଦେଇ ପୂଜା କରନ୍ତି । ଏଥିସହ ବିଲ ହୁଙ୍କାରେ ମାନସିକ ଅନୁଯାୟୀ ସୁନା, ରୂପା ଓ ପିତଳ ତିଆରି ନାଗ ନାଗୁଣୀ ତିଆରି କରି ରଖିଥାନ୍ତି ଏବଂ ଆଉ କେତେକ ଅଣ୍ଡା ଓ କ୍ଷୀର ପକାଇଥାନ୍ତି । ଶେଷରେ ଯେଉଁ ବିଲା ପାଖରେ ପୂଜା କରିଥାନ୍ତି ସେହି ମାଟିକୁ ଆଣି ପରିବାର ସଦସ୍ୟଙ୍କ ମୁଣ୍ଡରେ ଓ କାନରେ ଲଗାଇଥାନ୍ତି । ଏହା ଦ୍ୱାରା ସର୍ପଦୋଷ କଟିବ ବୋଲି ବିଶ୍ୱାସ ରହିଛି । ସେହିପରି ଗୁଣପୁର ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ପାଳିତ ହୋଇଛି ନାଗ ଚତୁର୍ଥୀ। ଭକ୍ତମାନେ ସାପ ରହୁଥିବା ହୁଙ୍କାରେ ପୂଜାର୍ଚ୍ଚନା କରିଥିଲେ । ହୁଙ୍କାରେ ରାଶି ଏବଂ ଚୁନାରେ ତିଆରି ମୋଦକ , କ୍ଷୀର, ଅଣ୍ଡା ଢାଳିବା ସହ ବିଭିନ୍ନ ପ୍ରକାର ଫଳ ଦେଇ ନାଗ ନାଗୁଣୀଙ୍କ ଉଦ୍ଦେଶ୍ୟରେ ପୂଜା କରିଥିଲେ । ଏଥିପାଇଁ ବିଭିନ୍ନ ସାପ ହୁଙ୍କାଠାରେ ଲୋକମାନଙ୍କ ଭିଡ ଜମିଥିଲା । ବାଣ ମଧ୍ୟ ଫୁଟାଯାଇଥିଲା। ସେହିପରି କାଶିପୁର ବ୍ଲକର ବିଭିନ୍ନ ସ୍ଥାନରେ ନାଗ ଚତୁର୍ଥୀ ପାଳିତ ହୋଇଛି । ରବିବାର ଟିକିରି ବେହେରା ସାହି, ବ୍ୟାଙ୍କ ସାହି ଓ ସୁନାମୁଦିର ତଳସାହି ସହିତ ଅନ୍ୟ କେତେକ ସ୍ଥାନରେ ଏହା ପାଳିତ ହୋଇଥିଲା । ଲୋକେ ସକାଳୁ ସକାଳୁ ହୁଙ୍କା ପାଖରେ ପୂଜାର୍ଚ୍ଚନା କରୁଥିଲେ। ଏହାପରେ ହୁଙ୍କାରେ କ୍ଷୀର ଢାଳିବା ସହିତ ସେଠାରେ ଦୀପ ଦେଇଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ନଭେମ୍ବର ୧୨ /୨୦୧୮ Rayagada, Monday, November. 12/ 2018

## ନେତାଜୀଙ୍କ ସ୍ୱପ୍ନର ଭାରତ ଗଢ଼ିବାକୁ ଆହ୍ୱାନ

**ସେମିଳିଗୁଡ଼ା,୧୧।୧୧(ଡି.ଏନ୍.ଏ.)**

ଆଜାଦ ହିନ୍ଦ ସରକାରଙ୍କ ୭୫ ବର୍ଷ ପୂର୍ତ୍ତି ଅବସରରେ ବାହାରିଥିବା ଜନ ସମ୍ପର୍କ ପଦଯାତ୍ରା ରବିବାର କୋରାପୁଟ ଜିଲା ସେମିଳିଗୁଡ଼ାରେ ପହଞ୍ଚିଛି। ପରେ ସ୍ଥାନୀୟ ଅଞ୍ଚଳର କେତେକ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହାକୁ ସ୍ୱାଗତ କରିଥିଲେ। ଏହି ଜନ ସମ୍ପର୍କ ପଦଯାତ୍ରାରେ ରାଜ୍ୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, କୋରାପୁଟ ଜିଲା ସମ୍ପାଦକ ଶମ୍ଭୁ ପ୍ରସାଦ ମହାନ୍ତି, କୃଷକ ନେତା ଅନିରୁଦ୍ଧ ମଲ୍ଲିକ, ଭଗବାନ ସେଠୀ, ସଚିତ୍ର ବାତ୍ରୀ, ଶ୍ୟାମ ବଡ଼ନାୟକ, ନକୁଳ ଗାଦବା ପ୍ରମୁଖ ସାମିଲ ହୋଇଥିଲେ। ସୁଭାଷ ଚନ୍ଦ୍ର ବୋଷ ଆଜାଦ୍ ହିନ୍ଦ ସରକାର ଗଠନ କରିଥିଲେ। 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ନାରା ଦେଉଥିଲେ ବୋଲି ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ଅତିଥିମାନେ କହିଥିଲେ। ଦେଶରେ ଶିକ୍ଷିତ ବେକାରି ସମସ୍ୟା ଓ କୃଷକଙ୍କ ବଢୁଥିବା ସମସ୍ୟା ଅତି ଚିନ୍ତାଜନକ ବୋଲି ସେମାନେ କହିଥିଲେ। ଆସନ୍ତୁ ଏକାଠି ହେବା, ନେତାଜୀଙ୍କ ସ୍ୱପ୍ନର ଭାରତ ଗଢିବା ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ପ୍ରଚାର ଗାଡି ମାଧ୍ୟମରେ ନେତାଜୀଙ୍କ ଆଦର୍ଶ ପ୍ରଚାର କରାଯାଇଥିଲା।

## ନାଗ ଚତୁର୍ଥୀ ପାଳିଲେ ତେଲୁଗୁ ସମ୍ପ୍ରଦାୟ

ସେମିଳିଗୁଡ଼ା,୧୧।୧୧(ଡି.ଏନ୍.ଏ.) ସେମିଳିଗୁଡ଼ାରେ ତେଲୁଗୁ ସମ୍ପ୍ରଦାୟର ଲୋକେ ରବିବାର ନାଗ ଚତୁର୍ଥୀ ପାଳନ କରିଛନ୍ତି। ପରିବାରରେ ସୁଖ, ଶାନ୍ତି ବଜାୟ ରଖିବାକୁ ତେଲୁଗୁ ସମ୍ପ୍ରଦାୟର ଲୋକେ ହୁଙ୍କା ନିକଟରେ ନାଗ ଦେବତାଙ୍କୁ ପୂଜା କରିଥାନ୍ତି। ହୁଙ୍କାରେ ନାଗ ଦେବତା ରହୁଥିବା ସେମାନଙ୍କର ବିଶ୍ୱାସ। ଏହି ଅବସରରେ ହୁଙ୍କା ନିକଟରେ ୭ ପ୍ରକାର ଫଳ, ସିନ୍ଦୂର, ଚନ୍ଦନ ସହ ଖୋଟି କାଟି ନାଗ ଦେବତାଙ୍କୁ ପୂଜା କରିଥାନ୍ତି। ଅଣ୍ଡା ଓ କ୍ଷୀର ମଧ୍ୟ ଠାକୁରଙ୍କୁ ଲାଗି କରାଯାଏ।

## ଖବରଦାତା ଭବନର ଭିତ୍ତିପ୍ରସ୍ତର ସ୍ଥାପନ

**ଜୟପୁର,୧୧।୧୧(ଡି.ଏନ୍.ଏ.)**

ଜୟପୁର ପ୍ରେସ୍‌କ୍ଲବ୍ ଏବଂ ପ୍ରେସ କ୍ଲବ ଜୟପୁର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପାର୍ଶ୍ୱରେ ଖବରଦାତା ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ଜୟପୁରରେ ଏକ ଖବରଦାତା ଭବନ ପାଇଁ ଜମି ପ୍ରଦାନ କରିବା ଲାଗି ସ୍ଥାନୀୟ ଖବରଦାତାମାନେ ସରକାରଙ୍କ ନିକଟରେ ଆବେଦନ କରିଥିଲେ। ସେହି ଅନୁଯାୟୀ ସରକାର ଯୋଗାଇ ଦିଆଯାଇଥିବା ଜମିରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଖବରଦାତା ବସନ୍ତ ବିଶ୍ୱାଳ, ରବି ନାୟକ, ଗୌରୀ ପଟ୍ଟନାୟକ, ରାଜେନ୍ଦ୍ର ଗୌଡ଼, ଜଗତରଞ୍ଜନ ପାଣିଗ୍ରାହୀ, ରମେଶ ସାହୁ, ସୁମନ୍ତ ସାହୁ, ପଦ୍ମନାଭ ହୋତା, ସୁକାନ୍ତ ବେହେରା, ତରୁଣ ମହାପାତ୍ର, ମଧୁସ୍ମିତା ମିଶ୍ର, ଶ୍ରୀକାନ୍ତ ସାହୁ, ମନୋଜ ଦାଶ, ସୁପ୍ରୀତ ପୂଜାରୀ, ଅମିତ ମହାନ୍ତି ଉପସ୍ଥିତ ଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ